# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦୁଝର

## ବିଜ୍ଞାପନ

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦୁଝରଙ୍କ ଅଧିନରେ ୧୩ ଗୋଟି ପରିଚାରକ/ ପରିଚାରିକା (Attendant) ପଦବୀ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । **ଏହି ପଦବୀ ଗୁଡିକ କେନ୍ଦୁଝର ଜିଲ୍ଲାରେ ଜାତୀୟ ଗୋ ମହିଷାଦି ପ୍ରଜନନ ପ୍ରକଳ୍ପ (NPCBB) ଅଧିନରେ ଚୟନ ହୋଇଥିବା କେବଳ ଗୋ ମିତ୍ର ପ୍ରାର୍ଥୀ/ ଗୋ ମିତ୍ର ପ୍ରାର୍ଥୀନୀମାନଙ୍କ ଦ୍ୱାରା ପୂରଣ କରାଯିବ ।** ତଦନୁଯାୟୀ ଜିଲ୍ଲା ସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| ଖାଲିଥିବା ପଦବୀ ସଂଖ୍ୟା | | | | |
|---|---|---|---|---|
| କ୍ରମିକ ସଂଖ୍ୟା | ବର୍ଗ | ପୁରୁଷ | ମହିଳା | ମୋଟ ପଦବୀ |
| ୧ | ଅନୁସୂଚିତ ଜନଜାତି (ST) | - | ୦୧ | ୦୧ |
| ୨ | ଅନୁସୂଚିତ ଜାତି (SC) | ୦୩ | ୦୨ | ୦୫ |
| ୩ | ଅଣସଂରକ୍ଷିତ (UR) | ୦୨ | ୦୫ | ୦୭ |
| | ମୋଟ | ୦୫ | ୦୮ | ୧୩ |

ଏହି ମଧ୍ୟରୁ ୪ % ଭିନ୍ନକ୍ଷମ ପ୍ରାର୍ଥୀ, ୩ % ଅବସର ପ୍ରାପ୍ତ ସେନାକର୍ମଚାରୀ ଓ ୧ % ମାନ୍ୟତା ପ୍ରାପ୍ତ ଖେଳାଳିଙ୍କୁ ନିଜସ୍ୱ ବର୍ଗ ପାଇଁ ସଂରକ୍ଷିତ ପଦବୀ ମଧ୍ୟରେ ସ୍ଥାନ ଦିଆଯିବ ।

ପ୍ରକାଶ ଥାଉକି, କୌଣସି ବର୍ଗର ମହିଳା ପ୍ରାର୍ଥୀ ନମିଳିଲେ ସେହି ବର୍ଗର ପୁରୁଷ ପ୍ରାର୍ଥୀଙ୍କ ଦ୍ୱାରା ଉକ୍ତ ପଦବୀକୁ ପୂରଣ କରାଯିବ । ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ ପ୍ରାର୍ଥୀନି, କେନ୍ଦୁଝର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନ କରିପାରିବେ । ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

ଆବଶ୍ୟକୀୟ ଯୋଗ୍ୟତା: -

୧. (କ) ପ୍ରାର୍ଥୀ/ ପ୍ରାର୍ଥୀନି ଓଡ଼ିଶା ସରକାରଙ୍କର ସ୍ୱୀକୃତି ପ୍ରାପ୍ତ ଶିକ୍ଷା ଅନୁଷ୍ଠାନ/ ବିଦ୍ୟାଳୟରୁ ମଧ ଇଂରାଜୀ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ ହୋଇଥିବା ଆବଶ୍ୟକ ।

(ଖ) ପ୍ରାର୍ଥୀ/ ପ୍ରାର୍ଥୀନିଙ୍କର ଅତିକମରେ ୩ ବର୍ଷର କୃତ୍ରିମ ପ୍ରଜନନ (ଜାତୀୟ ଗୋ ମହିଷଦି ପ୍ରଜନନ କାର୍ଯ୍ୟ କ୍ରମ) (NPCBB) କ୍ଷେତ୍ରରେ କର୍ମ କୁଶଳତାର ଅଭିଜ୍ଞତା ଥିବା ଆବଶ୍ୟକ ।

୨. ପ୍ରାର୍ଥୀ/ ପ୍ରାର୍ଥୀନି ଓଡ଼ିଆ ଭାଷାରେ କହିବା ଓ ଲେଖିବାରେ ସମର୍ଥ ଥିବେ ।
୩. ପ୍ରାର୍ଥୀ/ ପ୍ରାର୍ଥୀନି ଉତ୍ତମ ନୈତିକ ଚରିତ୍ରବାନ ହୋଇଥିବେ ।
୪. ପ୍ରାର୍ଥୀ/ ପ୍ରାର୍ଥୀନି ଭାରତର ନାଗରିକ ଏବଂ କେନ୍ଦୁଝର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।
୫. ପ୍ରାର୍ଥୀ/ ପ୍ରାର୍ଥୀନି ବିବାହିତ ହୋଇଥିଲେ ତାଙ୍କର ଏକରୁ ଅଧିକ ସ୍ୱାମୀ/ ସ୍ତ୍ରୀ ନଥିବେ ।
୬. ବ୍ୟବସ୍ଥା ଅନୁଯାୟୀ ଗୋମିତ୍ର ପ୍ରାର୍ଥୀ/ ପ୍ରାର୍ଥୀନିଙ୍କର ବୟସ **ତା. ୦୧.୦୧.୨୦୨୩ ସୁଦ୍ଧା ୧୮ ରୁ ୫୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।**

**<u>ଶାରୀରିକ ଦକ୍ଷତା</u>**

୧. ପ୍ରାର୍ଥୀ/ ପ୍ରାର୍ଥୀନି ମାନେ ଉତ୍ତମ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସମ୍ପନ୍ନ ହୋଇଥିବା ସହ ତାଙ୍କର କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କଲାଭଳି ଶାରୀରିକ ତ୍ରୁଟି ନଥିବ । ପ୍ରାର୍ଥୀ/ ପ୍ରାର୍ଥୀନି ଙ୍କ ସର୍ବ ନିମ୍ନ ଉଚ୍ଚତା ୫ ଫୁଟ ଏବଂ ଛାତି ଅଣ ସମ୍ପ୍ରସାରିତ ୩୦ ଇଞ୍ଚ (କେବଳ ପୁରୁଷ କ୍ଷେତ୍ରରେ) ର ଥିବା ସଙ୍ଗେ ସଙ୍ଗେ ସେମାନଙ୍କର କୌଣସି ଶାରୀରିକ ତ୍ରୁଟି କିମ୍ବା ମାନସିକ ଅକ୍ଷମତା ନଥିବ ।

୨. ପ୍ରାର୍ଥୀ/ ପ୍ରାର୍ଥୀନି ମଧ୍ୟ ସାଇକେଲ ଚଳାଇବା ଜାଣିଥିବା ଆବଶ୍ୟକ ।

ପ୍ରାର୍ଥୀ/ ପ୍ରାର୍ଥୀନି ନିମ୍ନୋକ୍ତ ଫର୍ମରେ ଦରଖାସ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ସରକାରୀ ଦିବସରେ ଦାଖଲ କରିପାରିବେ, କିମ୍ବା Speed Post କିମ୍ବା Courier ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ଗ୍ରହଣ କରାଯିବ । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ପରେ ପହଁଚି ଥିବା ଦରଖାସ୍ତ ବା କୌଣସି ଦସ୍ତାବିଜ ବିଚାରକୁ ନିଆଯିବନାହିଁ । ପ୍ରାର୍ଥୀ/ ପ୍ରାର୍ଥୀନୀ ମାନେ ବ୍ୟକ୍ତିଗତ ଭାବେ କିମ୍ବା ଡାକ ମାଧ୍ୟମରେ ଦରଖାସ୍ତ କରିପାରିବେ । **ଆବେଦନକାରୀ ଲଫାଫା ଉପରେ ପରିଚାରକ/ ପରିଚାରିକା ନିମନ୍ତେ ଦରଖାସ୍ତ ଲେଖାଯିବା ଆବଶ୍ୟକ।**

ପ୍ରକାଶ ଥାଉକି ଯେ କୌଣସି ସମୟରେ କୌଣସି କାରଣ ନଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ସରଂକ୍ଷିତ ରହିଅଛି । ନିଯୁକ୍ତି ସଂକ୍ରାନ୍ତରେ ଜିଲ୍ଲା ଚୟନ କମିଟିର ସମସ୍ତ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ । **ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ଖବର କାଗଜରେ ପ୍ରକାଶିତ ଦିନଠାରୁ ୧୫ ଦିନ ମଧ୍ୟରେ ।**

## ଦରଖାସ୍ତ

### (ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ହେବ)

ଏଠାରେ ଫୋଟୋ ସଂଲଗ୍ନ କରାଯିବ

୧. ପ୍ରାର୍ଥୀ/ ପ୍ରାର୍ଥୀନି ନାମ :

୨. ପିତା/ ସ୍ୱାମୀଙ୍କ ନାମ :

| | | | |
|---|---|---|---|
| ୩. ସ୍ଥାୟୀ ଠିକଣା : | ଗ୍ରାମ- | ପୋଷ୍ଟ- | |
| | ଭାୟା- | ଜିଲ୍ଲା- | ପିନ୍- |
| ୪. ଯୋଗାଯୋଗ ଠିକଣା : | ଗ୍ରାମ- | ପୋଷ୍ଟ- | |
| | ଭାୟା- | ଜିଲ୍ଲା- | ପିନ୍- |

୫. ମୋବାଇଲ ନମ୍ବର :

୬. ଜାତୀୟତା :

୭. ଜନ୍ମ ତାରିଖ :

୮. ଶିକ୍ଷାଗତ ଯୋଗ୍ୟତା :

୯. ଉଚ୍ଚତା :

୧୦. ଜାତି (SC/ ST/ SEBC/ GEN) :

୧୧. ବିବାହିତ/ ଅବିବାହିତ :

୧୨. ପୁରୁଷ/ ମହିଳା :

ମୁଁ ଏତଦ୍ ଦ୍ୱାରା ଘୋଷଣା କରୁଅଛିଯେ ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

**ତାରିଖ** **ଆବେଦନକାରୀଙ୍କ ସ୍ୱାକ୍ଷର**

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ଆବଶ୍ୟକୀୟ ପ୍ରମାଣପତ୍ରର ସ୍ୱ ପ୍ରମାଣିତ ନକଲ (Self-Attested Copies) ।**

୧. ନିଜର ଦୁଇଗୋଟି ପାସପୋର୍ଟ ସାଇଜ ଫୋଟଗ୍ରାଫ ତନ୍ମଧ୍ୟରୁ ଏକଗୋଟି ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠାଦେଇ ସଂଲଗ୍ନ କରିବା ଆବଶ୍ୟକ, ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।
୨. ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ।
୩ . ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପଯୁକ୍ତ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ।
୪. ଜାତିଗତ ପ୍ରମାଣପତ୍ର (SC/ ST/ SEBC)
୫. ପରିଚୟ ପତ୍ରର ପ୍ରମାଣ (Identity Proof)
୫. ଦୁଇଗୋଟି ଚରିତ୍ର ପ୍ରମାଣପତ୍ର ଭିନ୍ନ ଭିନ୍ନ ଗେଜେଟେଡ ଅଫିସରଙ୍କ ଠାରୁ ଯେକି ପ୍ରାର୍ଥୀ/ ପ୍ରାର୍ଥୀନିଙ୍କ ସମ୍ପର୍କୀୟ ହୋଇନଥିବେ ।
୬. ଗୋମିତ୍ର ପ୍ରାର୍ଥୀ/ ପ୍ରାର୍ଥୀନିମାନେ କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ (ଜାତୀୟ ଗୋ ମହିଷାଦୀ ପ୍ରଜନନ କାର୍ଯ୍ୟକ୍ରମ) (NPCBB) ତିନି ବର୍ଷ ଓ ତତୋଧିକ ସନ୍ତୋଷଜନକ କାର୍ଯ୍ୟକୁଶଳତାର ଅନୁଭୂତି ପ୍ରମାଣ ପତ୍ର ।
୭. ଅନ୍ୟ ଜିଲ୍ଲାରେ କାର୍ଯ୍ୟ କରିବା ନିମନ୍ତେ ସ୍ୱୀକାରୋକ୍ତି ଦେବା ଆବଶ୍ୟକ ।

**ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ଖବର କାଗଜରେ ପ୍ରକାଶିତ ଦିନଠାରୁ ୧୫ ଦିନ ମଧ୍ୟରେ ।**

ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ୫ ଘଟିକା ସମୟ ସୁଦ୍ଧା ଦରଖାସ୍ତ ସମ୍ପୃକ୍ତ କାର୍ଯ୍ୟାଳୟରେ ନ ପହଁଚିଲେ ତାହା ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀ/ ପ୍ରାର୍ଥୀନୀ ଡାକଦ୍ୱାରା ପଠାଇଥିବା ଦରଖାସ୍ତ ବିଳମ୍ବରେ ପହଁଚିଲେ କର୍ତୃପକ୍ଷ କୌଣସି ଦାୟୀ ରହିବେ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ, ଆବଶ୍ୟକୀୟ ପ୍ରମାଣପତ୍ର (**Self-Attested Copies**) ନଥିବା ଦରଖାସ୍ତ ଗୁଡିକ ନାକଚ କରାଯିବ ।

ସ୍ୱା/ ଡ଼ା. ଅକ୍ଷୟ କୁମାର ଘଡେଇ

**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦୁଝର**